ରାମ ଲାଲ ଏବଂ ଅନ୍ୟଜଣେ

ବନାମ

ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ

ଜାନୁଆରୀ 25, 1999

[କେ. ଟି. ଥୋମାସ ଏବଂ ଏମ. ବି. ଶାହ, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973: ଧାରା 320*

*ଅପରାଧଗୁଡ଼ିକର ରଫା- କେବଳ ଧାରା 320 ର ଦୁଇଟି ସାରଣୀରେ ଅନ୍ତର୍ଭୁକ୍ତ ଅପରାଧଗୁଡ଼ିକର ରଫା କରାଯାଇପାରିବ- ଅନ୍ୟ କୌଣସିଟିରେ ରଫା କରାଯାଇପାରିବ ନାହିଁ ।*

*ଆଇ.ପି.ସି. ର ଧାରା 326- ଅଧୀନରେ ଅପରାଧ- କୁହାଗଲା ରଫା-ଅଯୋଗ୍ୟ- ଏକ ଅପରାଧ ଯାହାକୁ ଆଇନ ରଫା-ଅଯୋଗ୍ୟ ବୋଲି ଘୋଷଣା କରିଥାଏ, ନ୍ୟାୟାଳୟଙ୍କ ଅନୁମତି ଥିଲେ ସୁଦ୍ଧା ତାହାକୁ ସମ୍ପୂର୍ଣ୍ଣ ଭାବେ ରଫା କରାଯାଇପାରିବ ନାହିଁ- ଅଭିଯୁକ୍ତଙ୍କ ଧାରା 326 ଅଧୀନରେ ରଫା ପାଇଁ ଅନୁରୋଧର ପ୍ରତ୍ୟାଖ୍ୟାନ- କିନ୍ତୁ ପୂର୍ବରୁ ଭୋଗି ସାରିଥିବା କାରାବାସ ଅବଧିକୁ ଦଣ୍ଡାଦେଶ ହ୍ରାସ କରାଯାଇଛି ।*

*ଆଇ.ପି.ସି. ର ଧାରା 324- ଅଧୀନରେ ଅପରାଧ- ର ରଫା- ଅଭିଯୋଗକାରୀଙ୍କ ଆଇନଗତ ପ୍ରତିନିଧିମାନଙ୍କ ଏବଂ ଅଭିଯୁକ୍ତଙ୍କ ଦ୍ୱାରା ମିଳିତ ଆବେଦନ –ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁରୀ ଏବଂ ଅଭିଯୁକ୍ତଙ୍କ ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ରଦ୍ଦ କରାଯାଇଛି ।*

*ୱାଇ. ସୁରେଶ ବାବୁ* ବନାମ *ଏ. ପି. ରାଜ୍ୟ ଏବଂ ଅନ୍ୟଜଣେ,* **(1987) 2 ଜେ. ଟି. 361** ଏବଂ *ମହେଶ ଚାନ୍ଦ ଏବଂ ଅନ୍ୟଜଣେ* ବନାମ *ରାଜସ୍ଥାନ ରାଜ୍ୟ,* **[1990] ଏସସିସି (ସପ୍ଲି.) 681**, ପୂର୍ବ ସିଦ୍ଧାନ୍ତକୁ ହେଳାରେ ଅଣଦେଖା କରାଯାଇଛି ବୋଲି କୁହାଗଲା ।

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 70/1999

ସିଆରଏଲ ଏଫ. ଏ. ସଂଖ୍ୟା 10 /1982 ରେ  ଜାମ୍ମୁ ଓ  କାଶ୍ମୀର ଉଚ୍ଚ ନ୍ୟାୟାଳୟଙ୍କ ତା  2.7.98 ରିଖ ରାୟ ତଥା ଆଦେଶରୁ  ।

ଆବେଦନକାରୀଙ୍କ ପକ୍ଷରୁ ଡି. ଡି. ଠାକୁର ଏବଂ ରାଜୀବ ଶର୍ମା ।

ପ୍ରତିବାଦୀ/ଅଭିଯୋଗକାରୀ/ରାଜ୍ୟ ପକ୍ଷରୁ ଏମ. ସି. ଧିଙ୍ଗ୍ରା, ଅଶୋକ ମାଥୁରଙ୍କ ପାଇଁ (ଏନ.ପି.) (ଜି. ଏମ. କାୱୁସା)।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ପ୍ରଥମ ଆବେଦନକାରୀ ରାମ ଲାଲ ଆଇପିସିର ଧାରା 326 ଅଧୀନରେ ଏହି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ତିନି ବର୍ଷ କାରାଦଣ୍ଡ ଭୋଗୁଛନ୍ତି । ଦ୍ୱିତୀୟ ଆବେଦନକାରୀ ଆଇପିସିର ଧାରା 324 ଅଧୀନରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ଦୁଇ ବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ପକ୍ଷମାନେ ଆପୋଷ ବୁଝାମଣା କରିଛନ୍ତି ଏବଂ ରଫା ପାଇଁ ସେମାନଙ୍କ ଦ୍ୱାରା ଏକ ଆବେଦନ ଦାଖଲ କରାଯାଇଛି । ଆଇପିସିର ଧାରା 326 ଅଧୀନରେ ଅପରାଧ ସମ୍ବନ୍ଧରେ ରଫା ପାଇଁ ଅନୁରୋଧକୁ ଆମ୍ଭେ ଗ୍ରହଣ କରିପାରିବୁ ନାହିଁ କାରଣ ଏହା ରଫା-ଅଯୋଗ୍ୟ ଅପରାଧ । ଶ୍ରୀ ଡି. ଡି. ଠାକୁର, ଶ୍ରୀମାନ ବରିଷ୍ଠ ଅଧିବକ୍ତା, *ୱାଇ. ସୁରେଶ ବାବୁ* ବନାମ

*ଆନ୍ଧ୍ରପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ,* (1987) 2 ଜେଟି 361 ଏବଂ *ମହେଶ ଚାନ୍ଦ ଏବଂ ଅନ୍ୟଜଣେ* ବନାମ *ରାଜସ୍ଥାନ ରାଜ୍ୟ,* [1990] ଏସସିସି ସପ୍ଲି. 681, ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ପ୍ରତି ଆମ୍ଭର ଧ୍ୟାନ ଆକର୍ଷଣ କରିଥିଲେ । ଯେଉଁଥିରେ ରଫା-ଅଯୋଗ୍ୟ ଅପରାଧକୁ ରଫା କରିବାକୁ ଅନୁମତି ଦିଆଯାଇଥିଲା । *ୱାଇ. ସୁରେଶ ବାବୁ* (ପୂର୍ବୋକ୍ତ) ମାମଲାରେ ଏହା ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇଥିଲା ଯେ ଉକ୍ତ ମାମଲାକୁ "ଏକ ପୂର୍ବ ଦୃଷ୍ଟାନ୍ତ ଭାବେ ବିବେଚନା କରାଯିବ ନାହିଁ" । ପରବର୍ତ୍ତୀ ମାମଲାରେ (ମହେଶ ଚାନ୍ଦ) ଆଇପିସି ର ଧାରା 307 ଅଧୀନରେ ଅପରାଧକୁ ନିମ୍ନଲିଖିତ ଟିପ୍ପଣୀ ସହିତ ରଫା କରିବାକୁ ଅନୁମତି ଦିଆଯାଇଥିଲା:

> "ଆମ୍ଭେ ଏହି ମାମଲା ଉପରେ ଉତ୍କଣ୍ଠାର ସହ ବିଚାର କଲୁ ଏବଂ ଅପରାଧକୁ ରଫା କରିବା ପାଇଁ ଅନୁମତି ମାଗି ଦାଖଲ କରିଥିବା ଆବେଦନ ଉପରେ ମଧ୍ୟ ବିଚାର କଲୁ । ମାମଲାର ପ୍ରକୃତି ଏବଂ ଯେଉଁ ପରିସ୍ଥିତି ଅଧୀନରେ ଅପରାଧ କରାଯାଇଥିଲା, ତାହା ଯାଞ୍ଚ କରିବା ପରେ, ଏହା ଉପଯୁକ୍ତ ହୋଇପାରେ ଯେ ବିଚାରଣ ନ୍ୟାୟାଳୟ ସେମାନଙ୍କୁ ଅପରାଧର ରଫା କରିବାକୁ ଅନୁମତି ଦେବେ ।"

ଆମ୍ଭେ ଉକ୍ତ ନିର୍ଣ୍ଣୟକୁ ଏକ ବାଧ୍ୟତାମୂଳକ ପୂର୍ବ ଦୃଷ୍ଟାନ୍ତ ଭାବରେ ଅନୁସରଣ କରିବାକୁ ଅସମର୍ଥ । ଧାରା 320, ଯାହା "ଅପରାଧଗୁଡ଼ିକର ରଫା" ସହ ସମ୍ପୃକ୍ତ, ସେଥିରେ ଦୁଇଟି ସାରଣୀ ପ୍ରଦାନ କରେ, ଯେଉଁଥିରେ ଗୋଟିଏରେ ସେହି ଅପରାଧଗୁଡ଼ିକର ବର୍ଣ୍ଣନା ଥାଏ, ଯାହାକୁ ସେଥିରେ ଉଲ୍ଲିଖିତ ବ୍ୟକ୍ତିଙ୍କ ଦ୍ୱାରା ରଫା କରାଯାଇପାରିବ, ଏବଂ ଅନ୍ୟଟିରେ ସେହି ଅପରାଧଗୁଡ଼ିକର ବର୍ଣ୍ଣନା ଥାଏ, ଯାହାକୁ ନ୍ୟାୟାଳୟଙ୍କ ଅନୁମତି ସହ ଏଥିରେ ଉଲ୍ଲିଖିତ ବ୍ୟକ୍ତିଙ୍କ ଦ୍ୱାରା ରଫା କରାଯାଇପାରିବ । କେବଳ ଉକ୍ତ ଦୁଇଟି ସାରଣୀରେ ଅନ୍ତର୍ଭୁକ୍ତ ଥିବା ଅପରାଧକୁ ରଫା କରାଯାଇପାରିବ ଏବଂ ଅନ୍ୟ କୌଣସି ଅପରାଧକୁ ନୁହେଁ । ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 320 ର ଉପଧାରା (9) ନିମ୍ନଲିଖିତ ସର୍ତ୍ତରେ ଏକ ବୈଧାନିକ ନିଷେଧାଦେଶ ଲାଗୁ କରେ:

> "(9) ଏହି ଧାରା ଦ୍ୱାରା ପ୍ରଦାନ କରାଯାଇଥିବା ବ୍ୟତୀତ ଅନ୍ୟ କୌଣସି ଅପରାଧ ରଫା ହେବ ନାହିଁ ।"

ଏହା ସୁସ୍ପଷ୍ଟ ଯେ ଯେତେବେଳେ *ମହେଶ ଚାନ୍ଦ* (ପୂର୍ବୋକ୍ତ) ର ନିର୍ଣ୍ଣୟରେ ମାନ୍ୟବର ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା, ସେତେବେଳେ ଉପରୋକ୍ତ ଆଇନଗତ ନିଷେଧ ପ୍ରତି ଧ୍ୟାନ ଦିଆଯାଇନଥିଲା । କି *ୱାଇ. ସୁରେଶ ବାବୁ* (ପୂର୍ବୋକ୍ତ) ମାମଲାରେ ନିର୍ଣ୍ଣୟ ଦେଇଥିବା ମାନ୍ୟବର ବିଚାରପତିଗଣଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରାଯାଇନଥିଲା । ତେଣୁ ସେଗୁଡ଼ିକ ପୂର୍ବ ସିଦ୍ଧାନ୍ତ ପ୍ରତି ଅଣଦେଖା କରି ପ୍ରଦାନ କରାଯାଇଥିବା ନିର୍ଣ୍ଣୟ ଥିଲା । ଆମ୍ଭେ ବିଚାର କରୁ ଯେ ଯେଉଁ ଅପରାଧକୁ ଆଇନ ମଧ୍ୟ ରଫା-ଅଯୋଗ୍ୟ  ବୋଲି ଘୋଷଣା କରେ, ତାହା ନ୍ୟାୟାଳୟଙ୍କ ଅନୁମତି ଥିଲେ ସୁଦ୍ଧା ଆଦୌ ରଫା ହୋଇପାରିବ ନାହିଁ । ଆଇପିସି ର ଧାରା 326 ଅଧୀନରେ ଅପରାଧ, ସ୍ୱୀକାରଯୋଗ୍ୟରୂପେ,  ରଫା-ଅଯୋଗ୍ୟ ଏବଂ ସୁତରାଂ ଆମ୍ଭେ ଏହାକୁ ରଫା କରିବାକୁ ଅନୁମତି ଦେବା ପାଇଁ  ଶ୍ରୀମାନ ଓକିଲଙ୍କ ଅନୁରୋଧକୁ ଗ୍ରହଣ କରିପାରିବୁ ନାହିଁ ।

ତେବେ ସେ ଯାହା ହେଉ, ପକ୍ଷମାନେ ଏକ ସମାଧାନରେ ପହଞ୍ଚିଛନ୍ତି ଏବଂ ପୀଡ଼ିତମାନଙ୍କର ବର୍ତ୍ତମାନ କୌଣସି ଅଭିଯୋଗ ନାହିଁ ବୋଲି ତଥ୍ୟକୁ ବିଚାରକୁ ନେଇ ଏବଂ ପ୍ରଥମ ଆବେଦନକାରୀ ପ୍ରାୟ ଛଅ ମାସ କାରାଦଣ୍ଡ ଭୋଗର ଅବଧି ଅତିକ୍ରମ କରିସାରିଥିବା ଅତିରିକ୍ତ ତଥ୍ୟକୁ ବିଚାରକୁ ନେଇ, ଏକ ନମନୀୟ ଦୃଷ୍ଟିକୋଣ ନିଆଯାଇପାରେ ଏବଂ ସେ ପୂର୍ବରୁ ଭୋଗ କରିସାରିଥିବା ଅବଧି ପର୍ଯ୍ୟନ୍ତ ଦଣ୍ଡାଦେଶକୁ ହ୍ରାସ କରାଯାଇପାରେ ।

ଆମ୍ଭେ ଏ'ପରି ଆଦେଶ ଦେଉଅଛୁ ଏବଂ ତୁରନ୍ତ ତାଙ୍କୁ ଖଲାସ କରିବା ପାଇଁ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଉଅଛୁ ।

ମୃତ ଅଭିଯୋଗକାରୀଙ୍କ ଆଇନଗତ ପ୍ରତିନିଧି ଏବଂ ଦ୍ୱିତୀୟ ଆବେଦନକାରୀଙ୍କ ଦ୍ୱାରା ମିଳିତରୂପେ ଦାଖଲ କରାଯାଇଥିବା ଆବେଦନର ଦୃଷ୍ଟିରୁ ଦ୍ୱିତୀୟ ଆବେଦନକାରୀଙ୍କ (ସିଆରଏଲ ଏମ. ପି. ସଂଖ୍ୟା 7648/98 ମାଧ୍ୟମରେ) ସଂକ୍ରାନ୍ତରେ ଆମ୍ଭେ ପକ୍ଷମାନଙ୍କୁ ଅପରାଧ ରଫା କରିବାକୁ (ଆଇପିସି ଧାରା 324) ଅନୁମତି ଦେଉ'ଛୁ । ଆଇପିସିର ଧାରା 324 ଅଧୀନରେ ଅପରାଧର ଉପରୋକ୍ତ ରଫା କରାଯିବା ଦୃଷ୍ଟିରୁ ଆମ୍ଭେ ଦ୍ୱିତୀୟ ଆବେଦନକାରୀଙ୍କ ଉପରେ ପାରିତ ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ରଦ୍ଦ କରୁ'ଛୁ ଏବଂ ସେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 320 (8) ଅଧୀନରେ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି ।

ତଦନୁସାରେ ଆବେଦନଟିର ଫଏସଲା କରାଯାଉଛି ।

ଟି.ଏନ.ଏ.

ଆବେଦନର ଫଏସଲା ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**